RNI No.ODIODI/2010/33031
୧୭ ବର୍ଷ Volume-17
ISSUE -32 ସଂଖ୍ୟା-୩୨
ଭୁବନେଶ୍ୱର, ଗୁରୁବାର ୦୯ ଏପ୍ରିଲ୍ ୨୦୨୬
Bhubaneswar, Thursday 09 April, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଆମେରିକା-ଇରାନ୍ ମଧ୍ୟରେ ଅସ୍ତ୍ରବିରତି

ୱାଂଶିଟନ/ତେହେରାନ,୮।୪(ନି.ପ୍ର.):: ଶେଷ ମୁହୂର୍ତ୍ତରେ ଇରାନ ସହ ଯୁଦ୍ଧ ବିରତି ବୁଝାମଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନ ଓ ଆମେରିକା ମଧ୍ୟରେ ୨ ସପ୍ତାହର ଯୁଦ୍ଧ ବିରତି ଲାଗୁ ହୋଇଥିବାରୁ ତେହରାନ ଉପରେ ହମଲା ବନ୍ଦ କରି ଦେଇଛି ୱାଶିଂଟନ। ଯୁଦ୍ଧ ବିରତି ସଫଳ ହୋଇ ନଥିଲେ ହେଁ ଇରାନ ସଭ୍ୟତାକୁ ଟ୍ରମ୍ପ ଖତମ କରିଦେବାର ଧମକ ବି ଦେଇଛନ୍ତି।

ହେଲେ ପାକିସ୍ତାନ ହାତରେ ଟ୍ରମ୍ପ ପଠାଇଥିବା ପ୍ରସ୍ତାବକୁ ଇରାନ ଗ୍ରହଣ କରି ନେବାରୁ ହମଲାକୁ ଟାଳି ଦିଆଯାଇଛି। ଦୁଇ ଦେଶ ମଧ୍ୟରେ ୨ ସପ୍ତାହ ପାଇଁ ଯୁଦ୍ଧ ବିରତି ଲାଗୁ ହୋଇଛି। ଇରାନ ମଧ ଷ୍ଟ୍ରେଟ ଅଫ ହର୍ମୁଜ ଖୋଲିବାକୁ ସହମତି ପ୍ରକାଶ କରିଛି। ୨ ସପ୍ତାହ ଯୁଦ୍ଧ ବିରତିରେ ରାଜି ହେବା ପୂର୍ବରୁ ଇରାନ ୧୦ ସୂତ୍ରୀ ପ୍ରସ୍ତାବ ଆମେରିକା ପାଖକୁ ପାକିସ୍ତାନ ହାତରେ ପଠାଇଥିଲା। ଏହା ଉପରେ ବିଚାର କରାଯାଇ ପାରିବ ଓ ଏହା ସଫଳ ମଧ ହୋଇପାରେ ବୋଲି ଟ୍ରମ୍ପ ସଙ୍କେତ ଦେଇଛନ୍ତି।

ଯୁଦ୍ଧ ବିରତି ଲାଗୁ ହେବା ପରେ ଫେବୃଆରୀ ୨୮ରୁ ଚାଲିଥିବା ଯୁଦ୍ଧରେ ଇରାନର ବିଜୟ ହୋଇଥିବା ତେହରାନ ଦାବି କରିଛି। ଇରାନର କହିବା କଥା ଯେ ଆମେରିକା ପାଖରେ ତେହରାନର ୧୦ ସୂତ୍ରୀ ପ୍ରସ୍ତାବରେ ରାଜି ହେବା ଛଡା ଆଉ କୌଣସି ଉପାୟ ନଥିଲା। ଏହି ପ୍ରସ୍ତାବ ମଧରେ କଟକଣା ପ୍ରତ୍ୟାହାର ଓ ଆଣବିକ ଭିତ୍ତିଭୂମି ରହିଛି।

ଇରାନର ସୁପ୍ରିମ ଜାତୀୟ ସୁରକ୍ଷା ପରିଷଦ ଗୋଟିଏ ବିବୃତିରେ କହିଛି ଯେ ଯୁଦ୍ଧ ବିରତି ଯୋଜନାର ଭବିଷ୍ୟତ ଷ୍ଟ୍ରେଟ ଅଫ ହର୍ମୁଜରେ ଇରାନୀୟ ଦବାଦବା ଉପରେ ନିର୍ଭର କରେ। ଏହାବାଦ ଏନରିଚମେଣ୍ଟକୁ ସ୍ୱୀକୃତି ଓ କଟକଣାକୁ ହଟାବା ମଧ ଆବଶ୍ୟକ। ମଧପ୍ରାଚ୍ୟରୁ ଆମେରିକାର ସେନାର ପ୍ରତ୍ୟାହାର, ଇରାନ ଓ ଏହାର ସହଯୋଗୀଙ୍କ ଉପରେ ଚାଲିଥିବା ହମଲାର ଅନ୍ତ ଇତ୍ୟାଦି ମଧ ୧୦ ସୂତ୍ରୀ ପ୍ରସ୍ତାବରେ ରହିଛି।

ଟ୍ରମ୍ପ ସୋଶାଲ ମିଡିଆରେ କହିଛନ୍ତି ଯେ ସେ ଇରାନ ଠାରୁ କାର୍ଯ୍ୟକାରୀ ହୋଇପାରୁ ଥିବା ୧୦ ପଏଣ୍ଟ ବିଶିଷ୍ଟ ଯୁଦ୍ଧ ବିରତି ପ୍ରସ୍ତାବ ପାଇଛନ୍ତି। ଯୁଦ୍ଧ ବିରତିରେ ଆମେରିକା ରାଜି ହେବାର କାରଣ ହେଉଛି ଯେ ୱାଶିଂଟନ ଧାର୍ଯ୍ୟ କରିଥିବା ଟାର୍ଗେଟକୁ ହାସଲ କରି ନେଇଛି। ଆମେରିକାର ସମସ୍ତ ସାମାରିକ ଉଦ୍ଦେଶ୍ୟ ପୂରଣ ହୋଇ ସାରିଛି। ଏବେ ଇରାନ ସହ ଦୀର୍ଘ କାଳୀନ ଶାନ୍ତି ପ୍ରସ୍ତାବ ଉପରେ ବିଚାର ଚାଲିଥିବା ସେ କହିଛନ୍ତି। ଇରାନର ୧୦ ସୂତ୍ରୀ ପ୍ରସ୍ତାବ - କୌଣସି ଉତ୍ତେଜନା ବା ଆକ୍ରମଣ କରାଯିବ ନାହିଁ । ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ନିୟନ୍ତ୍ରଣର ଜାରି ରହିବ। ସମୃଦ୍ଧିକରଣର ସ୍ୱୀକୃତି। ୪- ସମସ୍ତ ପ୍ରାଥମିକ କଟକଣା ପ୍ରତ୍ୟାହାର। ୫- ସମସ୍ତ ସେକେଣ୍ଡାରୀ ନିଷେଧାଜ୍ଞା ଉଠାଇବା। ୬- ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସମସ୍ତ ପ୍ରସ୍ତାବର ଉଚ୍ଛେଦ। ୭- ଆଇଏଇଏ ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ପ୍ରସ୍ତାବର ଉଚ୍ଛେଦ। ୮- ଇରାନକୁ ଯୁଦ୍ଧ ଜନିତ କ୍ଷତିପୂରଣ ପ୍ରଦାନ। ୯- ଏହି ଅଞ୍ଚଳରୁ ଆମେରିକାର ସେନାକୁ ପ୍ରତ୍ୟାହାର। ୧୦- ଇରାନ ଓ ଏହାର ସହଯୋଗୀଙ୍କ ଉପରେ ହେଉଥିବା ହମଲା ଉପରେ ରୋକ ।





## ଇରାନର ୧୦ ପ୍ରସ୍ତାବକୁ ଟ୍ରମ୍ପ ଗ୍ରୀନ୍ ସିଗନାଲ୍

## ଇରାନ ସହ ମିଶି ଯୁକ୍ତ ରାଷ୍ଟ୍ର ଆମେରିକା କାମ କରିବ : ଟ୍ରମ୍ପ

ୱାଂଶିଟନ,୮।୪(ନି.ପ୍ର.):: ଭୟଙ୍କର ହମଲାର ଧମକ ଦେବା ପରେ ଇରାନ ସହ ଯୁଦ୍ଧ ବିରତି ବୁଝାମଣା କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ ବୟାନ ଦେଇଛନ୍ତି। ବୁଧବାର ଭୋର ସମୟରେ ସେ ଇରାନ ସହ ଦୁଇ ସପ୍ତାହ ପାଇଁ ଯୁଦ୍ଧ ବିରତି ଲାଗୁ ହୋଇଥିବା ଘୋଷଣା କରିଥିଲେ। ଆଜି ଠାରୁ ଯୁଦ୍ଧ ବିରତି ଲାଗୁ ହୋଇଥିବା ବେଳେ ଏବେ ଟ୍ରମ୍ପଙ୍କ ବୟାନ ସାମ୍ନାକୁ ଆସିଛି। ଯୁଦ୍ଧ ବିରତି ପରେ ଟ୍ରମ୍ପ ଦେଇଥିବା ପ୍ରଥମ ବୟାନରେ ଇରାନ ସମ୍ପର୍କରେ ବଡ କଥା କହିଛନ୍ତି। ଇରାନର ୟୁରାନିୟମ ସମୃଦ୍ଧିକରଣକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଆମେରିକା ଉଦ୍ୟମ ଜାରି ରଖିବ। ସେହିପରି ଇରାନ ଉପରେ ଲାଗିଥିବା ଟାରିଫକୁ ହ୍ରାସ କରିବା ଓ କଟକଣା କୋହଳ କରିବା ଉପରେ ଆଲୋଚନା ପାଇଁ ବାଟ ଖୋଲା ରହିଥିବା ସେ କହିଛନ୍ତି।ଏଥିସହ ଇରାନରେ ଅତ୍ୟନ୍ତ ସକାରାତ୍ମକ ଶାସନ ପରିବର୍ତ୍ତନ ହୋଇଥିବା ମଧ ଟ୍ରମ୍ପ ଦାବି କରିଛନ୍ତି। ଆମେରିକା ଏଣିକି ଇରାନ ସହ ବେଶ ଯୋଡି ହୋଇ କାମ କରିବାର ପ୍ରତିଶ୍ରୁତି ଟ୍ରମ୍ପ ଦେଇଛନ୍ତି। ସେ କହିଛନ୍ତି, "ଇରାନ ସହ ମିଶି ଯୁକ୍ତ ରାଷ୍ଟ୍ର ଆମେରିକା କାମ କରିବ। ଇରାନରେ ଗୋଟିଏ ସଫଳ ଶାସନ ପରିବର୍ତ୍ତନ ହୋଇଥିବା ଆମେ ଜାଣିବାକୁ ପାଇଛୁ। ୟୁରାନିୟମ ସମୃଦ୍ଧିକରଣ ଆଉ ହେବନାହିଁ ଓ ଇରାନ ସହ ମିଶି ଆମେରିକା ମାଟି ତଳେ ଦବି ଯାଇଥିବା(ବି-୨ ବମ୍ବର୍ସ ଦ୍ୱାରା) ପରମାଣୁ ଅବଶେଷକୁ ଖୋଳି ବାହାର କରିବ। ଏହା ଏବେ ଓ ପୂର୍ବରୁ ମଧ ଅତ୍ୟନ୍ତ ଚମତ୍କାର ସାଟେଲାଇଟ ସଭେଲାନ୍ସ(ସ୍ପେଶ ଫୋର୍ସ) ମଧରେ ରହିଥିଲା।

ହମଲା ଆରମ୍ଭ ହେବା ଠାରୁ ଆଜି ଯାଏ କୌଣସି ବି ଜିନିଷକୁ ସ୍ପର୍ଶ କରାଯାଇନି। ଆମେ ଇରାନ ସହ ଟାରିଫ ଓ କଟକଣା କୋହଳ କରିବା ପାଇଁ କଥାବାର୍ତ୍ତା କରୁଛୁ ଏବଂ ଆଗକୁ ମଧ ଏହା ଜାରି ରହିବ। ଆମେରିକା ଦେଇଥିବା ୧୫ ସୂତ୍ରୀ ପ୍ରସ୍ତାବ ମଧରୁ ଅଧିକାଂଶରେ ପୂର୍ବରୁ ସହମତି ହୋଇ ସାରିଛି।"

## ଅସ୍ତ୍ରବିରତିକୁ ଭାରତର ସ୍ୱାଗତ

ନୂଆଦିଲ୍ଲୀ୮।୪(ନି.ପ୍ର.):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଅସ୍ତ୍ରବିରତି ଘୋଷଣା କରିଛନ୍ତି। ତେହେରାନ ମଧ ଏଥିରେ ସହମତି ପ୍ରକାଶ କରିଛି। ଏହାପରେ ଗତ ଏକ ମାସରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧ ବର୍ତ୍ତମାନ ପାଇଁ ୨ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରହିଛି, ଯାହା କାରଣରୁ ମଧପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ପାକିସ୍ତାନ ସମେତ ବିଶ୍ୱର ବିଭିନ୍ନ ଦେଶ ଏହି ଅସ୍ତ୍ରବିରତିକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ, ଏବେ ଭାରତର ପ୍ରତିକ୍ରିୟା ମଧ ସାମ୍ନାକୁ ଆସିଛି। ଭାରତ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଆଶା ପ୍ରକଟ କରିଛି ଯେ, ଏହା କ୍ଷେତ୍ରରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।ବିଦେଶ ମନ୍ତ୍ରଣାଳୟ ନିଜର ଆଧିକାରିକ ବୟାନରେ କହିଛି ଯେ, 'ଆମେ ହୋଇଥିବା ଯୁଦ୍ଧବିରତିକୁ ସ୍ୱାଗତ କରୁଛୁ ଏବଂ ଆଶା କରୁଛୁ ଯେ ଏହାଦ୍ୱାରା ପଶ୍ଚିମ ଏସିଆରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେବ।' ମନ୍ତ୍ରଣାଳୟ କହିଛି ଯେ, ଭାରତ କ୍ରମାଗତ ଭାବରେ ଏହି କଥା ଉପରେ ଜୋର ଦେଇ ଆସୁଛି ଯେ ଯେକୌଣସି ସଂଘର୍ଷର ସମାଧାନ କେବଳ ଉତ୍ତେଜନା ହ୍ରାସ, ଆଲୋଚନା ଏବଂ କୂଟନୀତି ମାଧମରେ ହିଁ ସମ୍ଭବ।



ମନ୍ତ୍ରଣାଳୟ ଆହୁରି ମଧ କହିଛି ଯେ, ଦୀର୍ଘ ସମୟ ଧରି ଚାଲିଥିବା ଏହି ସଂଘର୍ଷ ସାଧାରଣ ଲୋକଙ୍କୁ ପ୍ରବଳ କଷ୍ଟ ଦେଇଛି ଏବଂ ବିଶ୍ୱସ୍ତରୀୟ ଶକ୍ତି ଯୋଗାଣ ତଥା ବାଣିଜ୍ୟ ନେଟୱର୍କକୁ ବାଧାପ୍ରାପ୍ତ କରିଛି। ସରକାର ନିଜ ବୟାନରେ ହୋର୍ମୁଜ ପ୍ରଣାଳୀ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ, ଆମେ ଆଶା କରୁଛୁ ହୋର୍ମୁଜ ପ୍ରଣାଳୀରେ ଅବାଧ ନୌଚାଳନା ଏବଂ ବିଶ୍ୱ ବାଣିଜ୍ୟର ପ୍ରବାହ ଜାରି ରହିବ।

## ନୟାଗଡ଼ ବିସ୍ଫୋରଣ ମାମଲାରେ ମୃତ୍ୟୁସଂଖ୍ୟା ୩ କୁ ବୃଦ୍ଧି

ନୟାଗଡ଼୮।୪(ନି.ପ୍ର.): ନୟାଗଡ଼ ଜିଲ୍ଲାର ବାଣ ବିସ୍ଫୋରଣ ଘଟଣା ଆହୁରି ଭୟାବହ ରୂପ ନେଇଛି। ଚିକିତ୍ସାଧୀନ ଅବସ୍ଥାରେ ଆଜି ଆଉ ଜଣେ ଆହତଙ୍କ ମୃତ୍ୟୁ ଘଟିବା ସହିତ ମୃତକଙ୍କ ସଂଖ୍ୟା ୩କୁ ବଢ଼ିଛି। ମୃତକ ହେଲେ କୋରଡ଼ା ଗ୍ରାମର ବାସିନ୍ଦା ହାଡିବନ୍ଧୁ ସେଠୀ। ଏହା ପୂର୍ବରୁ ଏହି ଦୁର୍ଘଟଣାରେ ଦୁଇ ଶ୍ରମିକ ନିରଞ୍ଜନ ନାହାକ ଓ ବାପୁନି ନାହାକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତିନିଜଣଙ୍କ ମୃତ୍ୟୁ ସହ ଗାଁରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁସାରେ, ଏପ୍ରିଲ ୩ ତାରିଖରେ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ପାଇଁ ବାଣ ତିଆରି ସମୟରେ କୋରଡ଼ା ଗ୍ରାମରେ ଏହି ଭୟାବହ ବିସ୍ଫୋରଣ ଘଟିଥିଲା। ଏଥିରେ ଜଣେ ନାବାଳକ ସହ ମୋଟ ୬ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣା ପରେ ଅଗ୍ନିଶମ ବାହିନୀ ଓ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ସେମାନଙ୍କୁ ନୁଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା, ପରେ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଶେଷରେ ଭୁବନେଶ୍ୱର ଇଓଗଝକୁ ରେଫର କରାଯାଇଛି। ବର୍ତ୍ତମାନ ଆହୁରି ୩ ଜଣ ଆହତ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସ୍ଥିର ଥିବା ବେଳେ ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହି ଦୁଃଖଦ ଘଟଣା ପୁଣିଥରେ ଅବୈଧ ଓ ଅସୁରକ୍ଷିତ ବାଣ ପ୍ରସ୍ତୁତି ଉପରେ ପ୍ରଶ୍ନ ଉଠାଇଛି।

## 'ଆମେ ଜାଣିବା, ଆମ ବଜେଟ' କାର୍ଯ୍ୟକ୍ରମ ଲୋକାଭିମୁଖୀ ଶାସନର ନୂତନ ପରିଚୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୪(ନି.ପ୍ର.); ବଜେଟ କେବଳ ଆୟ-ବ୍ୟୟର ତାଲିକା ନୁହେଁ, ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନତି ସହ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ପୂରଣର ଏକ ସୁଦୃଢ଼ ରୋଡମ୍ୟାପ୍ ବୋଲି ରାଜ୍ୟ ସ୍ତରୀୟ ବଜେଟ ସଚେତନତା କର୍ମଶାଳା 'ଆମେ ଜାଣିବା, ଆମ ବଜେଟ' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନ କନଭେନ୍ସନ୍ ସେଣ୍ଟରରେ ଆୟୋଜିତ ଏହି କର୍ମଶାଳାରେ ସେ କହିଥିଲେ ଯେ, ଦେଶର ଭିଜନ୍ ସହିତ ତାଳ ମିଳାଇ ଆମ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ରାଜ୍ୟର ଦୀର୍ଘମିଆଦୀ ଭିଜନ୍ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ମୂଳ ଭିତ୍ତିକୁ ସୁଦୃଢ଼ କରିବ । ଚଳିତ ବଜେଟ୍‌ରେ କାର୍ଯ୍ୟକ୍ରମ ଓ ଯୋଜନା ମିଶି ୩୧ଟି ନୂଆ ପଦକ୍ଷେପ ନିଆଯାଇଛି । ଏହି ବଜେଟ୍‌ରେ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ପୁଞ୍ଜି ବ୍ୟୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଚଳିତ ବର୍ଷର ବଜେଟ, ବିଗତ ବର୍ଷର ବଜେଟ ଅଟକଳ ଠାରୁ ୭ ପ୍ରତିଶତ ଅଧିକ। ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ, ଏହା ଅସମ୍ଭବ ଲାଗୁଥିଲେ ମଧ ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ଓଡିଆ ମାନଙ୍କ ପାଖରେ ଅଛି ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ଏହା ନିଶ୍ଚିନ୍ତ ରୂପେ ସମ୍ଭବ ହେବ।



ସେ କହିଥିଲେ ଯେ, ଏହି ବଜେଟ୍‌ରେ ଭିତ୍ତିଭୂମି, ଶିଳ୍ପ, ପର୍ଯ୍ୟଟନ, କୃଷି, ନାରୀ ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଇଛି । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର , ଜାତୀୟ ଜଳପଥ-୫, ଏବଂ ବିଭିନ୍ନ ନୂତନ କରିଡର ଓ ପୋର୍ଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ଲଜିଷ୍ଟିକ୍ସ ହବ୍‌ରେ ପରିଣତ କରାଯିବ । ପୁରୀରେ ଶାମୁକା ପ୍ରକଳ୍ପ ଏବଂ ଚିଲିକା ପୁନରୁଦ୍ଧାର ଯୋଜନା ରାଜ୍ୟର ପର୍ଯ୍ୟଟନକୁ ନୂତନ ଦିଗ ଦେବ ବୋଲି ସେ ଉଲ୍ଲେଖ କରିଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି ବଜେଟ୍‌ରେ ଗ୍ରାମୀଣ ଉନ୍ନୟନ, ରୋଜଗାର ସୃଷ୍ଟି ଓ ଦାଦନ ସମସ୍ୟାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି । ମହିଳାଙ୍କ ପାଇଁ ବିଶେଷ ବ୍ୟୟବରାଦ ସହିତ 'ସୁଭଦ୍ରା' ଯୋଜନା, 'ଲକ୍ଷପତି ଦିଦି' ଏବଂ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଭଳି ପଦକ୍ଷେପ ନାରୀ ସଶକ୍ତିକରଣକୁ ଆହୁରି ଶକ୍ତିଶାଳୀ କରିବ । ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନୂତନ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଓ ଆଇସିୟୁ ସୁବିଧା ସୃଷ୍ଟି ମାଧ୍ୟମରେ ସାଧାରଣ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ ।

ସେ କହିଥିଲେ ଯେ, ଆସନ୍ତା ୧ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍ତରରେ "ଆମେ ଜାଣିବା, ଆମ ବଜେଟ" କାର୍ଯ୍ୟକ୍ରମ ଆୟୋଜିତ ହୋଇ ବଜେଟର ବିଭିନ୍ନ ପାର୍ଶ୍ୱକୁ ସରଳ ଭାଷାରେ ଲୋକଙ୍କ ନିକଟକୁ ପହଞ୍ଚାଯିବ । ସେ ଜନସାଧାରଣଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗ ନେଇ ତାଙ୍କର ମତାମତ ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ । ଶେଷରେ, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ବଜେଟ୍ ଓଡ଼ିଶାର ସ୍ୱାଭିମାନ ଓ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତିବିମ୍ବ ଅଟେ ଏବଂ ସମସ୍ତଙ୍କ ସହଯୋଗରେ ଓଡ଼ିଶାକୁ ଦେଶର ଅର୍ଥନୀତିର ଏକ ପ୍ରମୁଖ ଶକ୍ତିକେନ୍ଦ୍ରରେ ପରିଣତ କରାଯିବ।

ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ କହିଥିଲେ ଯେ, ଆମର ଏହି ବଜେଟ୍ ହେଉଛି ନାଗରିକ କୈନ୍ଦ୍ରିକ ବଜେଟ୍ । ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି ଆମର ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି । ଏହି ବଜେଟ୍ ସଚେତନତା କର୍ମଶାଳା ଦ୍ୱାରା ସାଧାରଣ ଲୋକଙ୍କ ପାଇଁ ବଜେଟ୍‌ରେ ସ୍ଥାନୀତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ସେମାନେ ସଚେତନ ହେବେ ଓ ଏହାର ସୁଫଳ ସେମାନଙ୍କ ପାଖରେ ପହଞ୍ଚିବ ।

ଏହି କର୍ମଶାଳାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ନିମନ୍ତ୍ରିତ ଅତିଥିବୃନ୍ଦ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ବିଜେଡି ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ରଙ୍କ ଇସ୍ତଫା

ଭୁବନେଶ୍ୱର,୮ ।୪: ଓଡ଼ିଶା ରାଜନୀତିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି ଡକ୍ଟର ସସ୍ମିତ ପାତ୍ର। ସେ ନିଜର ଇସ୍ତଫା ପତ୍ର ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଥିବା ସୂଚନା ମିଳିଛି। ଇସ୍ତଫାର ସ୍ପଷ୍ଟ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନ ଥିଲେ ମଧ୍ୟ, ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।ସସ୍ମିତ ପାତ୍ରଙ୍କ ଇସ୍ତଫା ପରେ ଏବେ ରାଜ୍ୟ ସଭାରେ ଦଳର ନେତୃତ୍ୱ କିଏ ନେବ, ସେ ନେଇ ଆଲୋଚନା ଆରମ୍ଭ ହେଉଛି। ସସ୍ମିତ ଜଣେ ଦକ୍ଷ ଏମ୍ ?ପି ଭାବେ ଦିଲ୍ଲୀ ଦରବାରରେ ଓଡ଼ିଶାର ସ୍ୱର ଉଠାଇ ଆସୁଥିଲେ। ତେଣୁ ତାଙ୍କର ଏହି ନିଷ୍ପତ୍ତି ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି

## ମେ ୫ରୁ ୧୬ ତାରିଖ ଯାଏ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୮।୪(ନି.ପ୍ର.): ଆସନ୍ତା ମେ ୫ ତାରିଖରୁ ସ୍ନାତକୋତ୍ତର ବା ପିଜି ପାଇଁ ପ୍ରବେଶିକା ପରୀକ୍ଷା ଆରମ୍ଭ ହେବ । ବିଭିନ୍ନ ବିଷୟରେ ମେ ୫ରୁ ମେ ୧୬ ଯାଏ ପ୍ରବେଶିକା ପରୀକ୍ଷା ଚାଲିବ । ଏ ନେଇ ଉଚ୍ଚ ଶିକ୍ଷା ବିଭାଗର ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ (ଏସଏସବି) ପକ୍ଷରୁ ସୂଚୀ ପ୍ରକାଶ ପାଇଛି । ମୋଟ ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ହେବ । ଏପ୍ରିଲ ୩୦ ତାରିଖ ପୂର୍ବାହ୍ନ ୧୧ଟାରୁ ଆଡମିଟ୍‌କାର୍ଡ ଏସ୍‌ଏସ୍‌ବିର ୱେବସାଇଟରେ ଉପଲବ୍ଧ ହେବ । ଦୁଇଟି ସିଟିଂ ପରୀକ୍ଷା କରାଯିବ । ପ୍ରଥମ ସିଟିଂ ସକାଳ ୧୦ଟାରୁ ପୂର୍ବାହ୍ନ ୧୧.୪୦ ଯାଏଁ ଚାଲିବ ଏବଂ ଦ୍ୱିତୀୟ ସିଟିଂ ପରୀକ୍ଷା ଅପରାହ୍ନ ୩ଟାରୁ ୪.୪୦ ଯାଏଁ ଚାଲିବ । କେବଳ ୧୦ ତାରିଖ ରବିବାର ଥିବାରୁ ସେହିଦିନ ଛୁଟି ରହିବ । ସର୍ବମୋଟ୍ ୩୧ ହଜାର ୯୧୫ ପିଜି ସିଟ୍ ପାଇଁ ୫୮ ହଜାର ୭୦୮ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି ।

## ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟମାନଙ୍କ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୪(ନି.ପ୍ର.); ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାନସ ସନ୍ତାନ ବୋଲାଉଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର କଳେବର ସମ୍ପର୍କରେ ଆଜି ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପାଇଁ ଜାଗା ନିରୁପଣ, ବିଦ୍ୟାଳୟ ବିଲ୍ଡିଂର ଢାଞ୍ଚା ସମେତ ଖେଳ ପଡିଆ ନିର୍ମାଣ, ମଲ୍ଟି ପର୍ପଜ ହଲ ନିର୍ମାଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟମାନଙ୍କ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ. ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଶ୍ରୀ ଅନୁପମ୍ ସାହା, ଓସେପା ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଡାହୁକ



ଦେଶଟାକୁ ଦେବେ କିଛି
ଆମେତ ଭକୁଆ ଜନତା ଆମର
ଫୁଟେଇ ଦେଲେଣି ଆଖି
ସବୁ ଦେଖି କିଛି ନଦେଖିଲା ପରି
ରହୁଚେ ଭେଲକା ହୋଇ
ଭୋଟ ଦେଉଚେ ମଦ ମାଂସ ଖାଇ
ଗାନ୍ଧୀ ନୋଟକୁ ନେଇ

-ବିଧୁ

## ରାଉରକେଲା ବିମାନ ଦୁର୍ଘଟଣାର ଆସିଲା ରିପୋର୍ଟ, ଇଞ୍ଜିନରୁ ସରିଯାଇଥିଲା ତେଲ

ଭୁବନେଶ୍ୱର,୮।୪(ନି.ପ୍ର.): ଦୀର୍ଘ ତିନି ମାସ ପରେ ରାଉରକେଲା ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ଆସିଛି । ଇଞ୍ଜିନରୁ ତେଲ ସରିଯିବା କାରଣରୁ ବିମାନ ଦୁର୍ଘଟଣା ଘଟିଥିବା ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏଏଆଇବି ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି ।

ରିପୋର୍ଟ ଅନୁଯାୟୀ, ଗତ ୧୦ ତାରିଖରେ ଏୟାର ଇଣ୍ଡିଆ ୱାନ୍‌ର ବିମାନ ରାଉରକେଲା ରଘୁନାଥପାଲି କଂସର ଅଞ୍ଚଳରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପୂର୍ବରୁ ଇଞ୍ଜିନରେ ଇନ୍ଧନ ସରିଯାଉଥିବା ପାଇଲଟ୍ ଜାଣିବାକୁ ପାଇଥିଲେ । ରାଉରକେଲାରୁ ପ୍ରାୟ ୩୦ ନଟିମାଇଲ୍ ଦୂରରେ, ପାଇଲଟ୍ ଦେଖିଲେ ଯେ ଇଞ୍ଜିନରେ ତେଲର ଚାପ କମ ରହିଛି ଏବଂ ସେମାନେ ତଦାରଖ କରିବା ଆରମ୍ଭ କରିଥିଲେ । କମ୍ ତେଲ ଚାପ ସୂଚକ ନିଶ୍ଚିତ ହେବା ପରେ କର୍ମଚାରୀମାନେ ନନ୍-ନର୍ମାଲ ଚେକଲିଷ୍ଟ ପ୍ରକ୍ରିୟା ଅନୁଯାୟୀ ଇଞ୍ଜିନକୁ ସୁରକ୍ଷିତ କଲେ ଏବଂ ନିକଟତମ ଉପଯୁକ୍ତ ସ୍ଥାନରେ ଜରୁରୀକାଳୀନ ଅବତରଣ କରିବାକୁ ପ୍ରସ୍ତୁତ ହୋଇଥିଲେ । ପାଇଲଟ ଜରୁରୀ ଅବତରଣ କରିବାକୁ ରାଉରକେଲା ଏଟିସିକୁ ଏକ ମେଡେ କଲ୍ ଦେଇଥିଲେ ।



ପାଇଲଟ୍ ନିକଟସ୍ଥ ନଦୀ କିମ୍ବା ପଡ଼ିଆରେ ବିମାନକୁ ଅବତରଣ କରିବାକୁ ଚେଷ୍ଟା କରିଥିଲେ। ପର୍ଯ୍ୟାପ୍ତ ଉଚ୍ଚତା ନ ଥିବାରୁ ଚାଳକ ବିମାନକୁ ନିକଟସ୍ଥ ଏକ ଖୋଲା ପଡ଼ିଆରେ ଅବତରଣ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅବତରଣ ସମୟରେ ବିମାନଟି ପ୍ରଥମେ ଏକ ଗଛର ଉପର ଭାଗକୁ ଧକ୍କା ଦେବା ପରେ ଏକ ବିଦ୍ୟୁତ୍ ତାରକୁ ଧକ୍କା ଦେଇଥିଲା। କର୍ମଚାରୀମାନେ ବିଦ୍ୟୁତ୍ ତାରକୁ ଏଡାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ବିମାନଟି ତଳକୁ ଖସି ପଡ଼ିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି ।

ପ୍ରକାଶ ଯୋଗ୍ୟ, ଗତ ୧୦ ତାରିଖରେ ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ଚାର୍ଟର ବିମାନ ରାଉରକେଲାରୁ ୧୦ କିଲୋମିଟର ପୂର୍ବରୁ ଜଲଦା ନିକଟରେ ଜରୁରୀ ଅବତରଣ ବେଳେ ଦୁର୍ଘଟଣାର ଶୀକାର ହୋଇଥିଲା । ବିମାନରେ ମୋଟ ୯ଟି ସିଟ୍ ଉପଲବ୍ଧ ଥିବାବେଳେ ୬ ଯାତ୍ରୀ ଉପସ୍ଥିତ ଥିଲେ । ବିମାନରେ ଥିବା ୪ ଜଣ ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ଅନୀତା ସାହୁ, ସୁନୀଲ ଅଗ୍ରୱାଲ ଓ ସବିତା ଅଗ୍ରୱାଲ ଏବଂ ୨ ଜଣ କ୍ରୁ ସଦସ୍ୟ କ୍ୟାପଟେନ ନବୀନ କାଡ଼ଙ୍ଗା ଏବଂ କ୍ୟାପଟେନ ତରୁଣ ଶ୍ରୀବାସ୍ତବ ଗୁରୁତର ହୋଇଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଯାତ୍ରୀ ସୁଶାନ୍ତ ବିଶ୍ୱାଳ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ ।